ପାଠ 24
पाठ

ଓଡ଼ିଶାର 'ଯାତ୍ରା'
ओड़िशार 'जात्रा'

ଯୋସେଫ୍: ପ୍ରତାପ ବାବୁ ! ଆପଣତ ଓଡ଼ିଶାର ଜଣେ ପ୍ରତିଷ୍ଠିତ ନାଟ୍ୟଶିଳ୍ପୀ। ଗତ ସପ୍ତାହରେ 'ରବିନ୍ଦ୍ର ମଣ୍ଡପ'ରେ ଯେଉଁ ନାଟକ ହୋଇଥିଲା ଆପଣ କ'ଣ ସେଇ ନାଟକ ଦେଖିଥିଲେ?

ପ୍ରତାପ : ହଁ ଦେଖିଥିଲି। ସେହି ବିଷୟରେ ଆପଣ କ'ଣ ମୋତେ କିଛି ପଚାରିବାକୁ ଚାହୁଁଛନ୍ତି ?

ଯୋସେଫ୍ : ହଁ, ଆପଣଙ୍କୁ ସେ ନାଟକ କେମିତି ଲାଗିଲା ?

ପ୍ରତାପ : ହଁ ଏକ ପ୍ରକାର ଲାଗିଲା।

ଯୋସେଫ୍: ଏକ ପ୍ରକାର ମାନେ? ଭଲ ଲାଗିଲା କିମ୍ବା ଖରାପ ଲାଗିଲା?

ପ୍ରତାପ : ଯଦି ଆପଣ ମୋ ଠାରୁ ସତ ଶୁଣିବାକୁ ଚାହାନ୍ତି ତେବେ ମୁଁ କହିବି। ସେ ନାଟକ ମତେ ସେତେ ଭଲ ଲାଗିଲା ନାହିଁ।

ओड़िशा की यात्रा

जोसेफ : **प्रताप बाबु ! आप तो ओड़िशा के एक प्रतिष्ठित नाट्यशिल्पी हैं। पिछले सप्ताह 'रविंद्र मंड़प' में जो नाटक हुआ था क्या आप ने वह नाटक देखा था?**

प्रताप : **हाँ, देखा था। उसी विषय में आप क्या मुझे कुछ पुछने केलिए चाहते हैं?**

जोसेफ : **हाँ, आपको वह नाटक कैसा लगा?**

प्रताप : **हाँ, एक प्रकार लगा।**

जोसेफ : **एक प्रकार का मतलब? क्या अच्छा लगा या बुरा लगा?**

प्रताप : **यदि आप मुझसे केवल सच सुनने केलिए चाहते हैं तब मैं कहूँगा कि वह नाटक मुझे उतना अच्छा नहीं लगा।**

जोसेफ : **क्या उसका कारण मैं जान सकता हूँ?**

प्रताप : **कारण तो बहूत हैं। मैं तो पुराना जमाने का हूँ। तब हमारे नाटक**

ଯୋସେଫ୍:	ତା'ର କାରଣ କ'ଣ ମୁଁ ଜାଣିପାରେ କି ?		और अब के नाटक में बहुत फरक हैं।
ପ୍ରତାପ :	କାରଣ ତ ବହୁତ। ମୁଁ ତ ପୁରୁଣା ଯୁଗର। ଆମ ସେତେବେଳର ନାଟକ ଆଉ ଏବେକାର ନାଟକ ମଧ୍ୟରେ ବହୁତ ତଫାତ୍।		
ଯୋସେଫ୍:	ଆପଣଙ୍କ ସମୟର ନାଟକ ବିଷୟରେ ମତେ ଯଦି କିଛି କହନ୍ତେ, ତେବେ ଭଲ ହୁଅନ୍ତା।	जोसेफ :	आप के समय के नाटक के विषय में यदि मुझे कुछ बताते तो अच्छा होता।
ପ୍ରତାପ :	ଦେଖନ୍ତୁ ଆଜ୍ଞା, ଓଡ଼ିଶାରେ 'ନାଟକ' କହିଲେ ସେତେବେଳେ ଆମେ 'ଯାତ୍ରା' କୁ ହିଁ ବୁଝୁଥିଲୁ।	प्रताप :	देखिए जी, तब ओड़िशा का 'नाटक' कहने से 'यात्रा' ही समझते थे।
ଯୋସେଫ୍:	ସେ ସମୟ ଏବେ କ'ଣ ଆଉ ଅଛି ? ବର୍ତ୍ତମାନ ଆମେ ଯେଉଁ 'ଯାତ୍ରା' ଦେଖୁଛୁ ସେଥିରେ ଅନେକ ଆଧୁନିକ ଶୈଳୀ ପ୍ରୟୋଗ ହେଉଛି।	जोसेफ :	क्या अब वह समय रहा है? अब हम जो 'यात्रा' देख रहे हैं, उसमें आधुनिक शैली का बहुत प्रयोग हो रहा है।
ପ୍ରତାପ :	ହଁ ଆଜ୍ଞା, ଗତ ବର୍ଷ ଆମେ 'ଜନତା ଗଣନାଟ୍ୟ' ଦ୍ୱାରା ତିନି ଦିନ ଧରି ଯାତ୍ରା କରେଇଥିଲୁ। ହେଲେ ଯାହା ଦେଖିଲୁ, ସେଥିରୁ ମନେ ହେଲା ଯେ ଆଜି କାଲିକା ପିଲାଙ୍କ ଦ୍ୱାରା ଯାତ୍ରା	प्रताप :	जी हाँ। पिछले साल 'जनता गणनाट्य' के द्वारा तीन दिन तक लगातार यात्रा कराया गया था। लेकिन जो देखा, उस से यह लगा कि आजकल के लड़कों से 'यात्रा' नहीं किया जा सकेगा।
		जोसेफ :	अब तो नारी की भूमिका में सुंदर लड़कियाँ ही अभिनय कर रही हैं। क्या आपके समय में लड़कियाँ अभिनय करती थीं ?
		प्रताप :	हाँ, लेकिन जितनी लड़कियाँ अब नाटक करने केलिए आ रही हैं तब

କରାଯାଇ ପାରିବନାହିଁ ।

ଯୋସେଫ୍: ଏବେ ତ ନାରୀ ଚରିତ୍ରରେ ସୁନ୍ଦରୀ ଝିଅମାନେ ଅଭିନୟ କରୁଛନ୍ତି । ଆପଣଙ୍କ ସମୟରେ ଝିଅମାନେ କ'ଣ ଅଭିନୟ କରୁଥିଲେ?

ପ୍ରତାପ : ହଁ, କିନ୍ତୁ ଏବେ ଯେତେ ଝିଅ ନାଟକ କରିବାକୁ ଆସୁଛନ୍ତି ସେତେବେଳେ ସେତେ ଝିଅ ନଥିଲେ । ଯେତେବେଳେ ମୁଁ ନାଟକରେ ଅଭିନୟ ଆରମ୍ଭ କରିଥିଲି ସେତେବେଳେ ଝିଅ ଭୂମିକାରେ ୨ ଜଣ ଝିଅ ଅଭିନୟ କରୁଥିଲେ । କିନ୍ତୁ ମୋ ବାପାଙ୍କ ସମୟରେ ଗୋଟିଏ ବି ଝିଅ ନାଟକ କରୁନଥିଲେ । ନାଟକ କରିବା ତ ଦୂରର କଥା । ନାଟକ ଦେଖିବାକୁ ମଧ୍ୟ ବହୁତ କମ୍ ଝିଅ ଆସୁଥିଲେ । ସେତେବେଳର ନାଟକ କେବଳ ପୌରାଣିକ କଥା ଉପରେ ହିଁ ଆଧାରିତ ହେଉଥିଲା ।

ଯୋସେଫ୍: ଆପଣ କ'ଣ ଭାରତ ସ୍ୱାଧୀନତା ପୂର୍ବ ସମୟର କଥା କହୁଛନ୍ତି ?

ପ୍ରତାପ : ହଁ ହଁ, ସେତେବେଳେ ପୁଅମାନେ ହିଁ ନାରୀ

उतनी लड़कियाँ नहीं थीं। जब मैं ने नाटक में अभिनय शुरु किया था तब लड़की की भूमिका में दो ही लड़कियाँ अभिनय करती थीं। परंतु मेरे पिताजी के समय में एक भी लड़की नाटक नहीं करती थी। नाटक करना तो दूर की बात थी। नाटक देखने केलिए भी बहुत कम लड़कियाँ आती थीं। उस समय के नाटक केवल पौराणिक कथाओं पर आधारित थे।

जोसेफ : क्या आप भारत स्वाधीनता पूर्व की बात कर रहे हैं?

प्रताप : हाँ, हाँ। तब लड़के लोग ही नारी भूमिका में अभिनय करते थे। मुझे याद आ रहा है, हरि नाम के बरहामपुर का एक छोकरा था। वह 'कर्णवध' में द्रौपदी की भूमिका में अपने अभिनय से दर्शकों को रुलाया करता था। वह सबके द्वारा प्रशंसित हो जाता था।

जोसेफ : प्रताप बाबु ! हमने सुना था कि लोग स्वयं गीत गाते-गाते अभिनय करते थे? लेकिन अब गानेवाले तो अलग हैं।

ଚରିତ୍ରରେ ଅଭିନୟ୍ କରୁଥିଲେ। ମୋର ମନେ ପଡୁଛି ହରି ବୋଲି ଏକ ବରହ୍ମ ପୁରିଆ ଟୋକାଟାଏ ଥିଲା ସେ 'କର୍ଣ୍ଣବଧ' ରେ ଦ୍ରୌପଦୀ ଚରିତ୍ରରେ ଅଭିନୟ୍ କରି ଦର୍ଶକଙ୍କୁ କନ୍ଦେଇ ଦେଉଥିଲା। ସେ ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହେଉଥିଲା।

ଯୋସେଫ୍: ପ୍ରତାପ ବାବୁ ! ଆମେ ଶୁଣିଥିଲୁ, ସେମାନେ କୁଆଡ଼େ ନିଜେ ଗୀତ ଗାଇଗାଇ ଅଭିନୟ୍ କରୁଥିଲେ? କିନ୍ତୁ ଏବେ ଗାଇବାବାଲା ତ ଅଲଗା।

ପ୍ରତାପ : ହଁ, ସେ କଥା ଖାଣ୍ଟି ସତ। ସେ କାଳରେ ଭଲ ଅଭିନେତା ହେବା ପାଇଁ ନାଚ, ଗୀତ ଆଦି ସବୁ କିଛି ଶିଖିବାକୁ ପଡୁଥିଲା। ଯିଏ ଯେତେ ଭଲ ଗାଇ ପାରୁଥିଲା, ସିଏ ସେତେ ସୁନ୍ଦର ଭୂମିକା ବି ପାଉଥିଲା।

ଯୋସେଫ୍: ସିନେମାଗୁଡ଼ିକରେ ମଧ୍ୟ ଅଭିନେତା ଓ ଅଭିନେତ୍ରୀମାନେ ଭଲ ନାଚି ପାରିଲେ ସେମାନଙ୍କୁ ବହୁତ ସୁବିଧା ମିଳୁଥିଲା। ଆଚ୍ଛା କହିଲେ ଆପଣଙ୍କ ସମୟ୍ରେ କେଉଁ କେଉଁ ନାଟ୍ୟକାର ମାନଙ୍କ

प्रताप : हाँ, वह तो एकदम सच है। उस समय अच्छा अभिनेता होने के लिए नृत्य, संगीत आदि सब सीखना पड़ता था। जो जितना अच्छा गा सकता था, वह उतनी सुंदर भूमिका भी पाता था।

जोसेफ : सिनेमा में भी अभिनेता और अभिनेत्री अच्छा नृत्य करने से उन को ज्यादा सुविधा मिलती थी। अच्छा, बताइए आप के समय में किन किन नाटककारों के 'यात्रा' ज्यादा किए जाते थे?

प्रताप : 'यात्रा' कहने से हम 'वैष्णव-पाणि' ही समझते थे। उन्होंने असंख्य 'यात्राएँ' लिखी हैं। उनकी 'यात्राओं' में 'कर्णवध' 'रंगसभा' मुझे बहुत अच्छे लगते हैं।

जोसेफ : अच्छा! क्या आपके समय में आजकल की तरह दृश्य-सज्जा के प्रति विशेष ध्यान दिया जाता था?

प्रताप : नहीं बाबु, आजकल कितने प्रकार की सीन-सीनरी, प्रकाश-व्यवस्था,

ଯାତ୍ରା ବେଶୀ କରାଯାଉଥିଲା ?

ପ୍ରତାପ : ଯାତ୍ରା କହିଲେ ଆମେ 'ବୈଷ୍ଣବ ପାଣି'ଙ୍କୁ ହିଁ ବୁଝୁଥିଲୁ । ସେ ଅସଂଖ୍ୟ ଯାତ୍ରା ଲେଖିଛନ୍ତି । ତାଙ୍କ ଯାତ୍ରା ଗୁଡ଼ିକ ଭିତରେ 'କର୍ଣ୍ଣବଧ', 'ରଙ୍ଗସଭା' ମତେ ଭାରି ଭଲଲାଗେ ।

ଯୋସେଫ୍: ଆଚ୍ଛା, ଆପଣଙ୍କ ବେଳେ ଆଜିକାଲି ପରି କ'ଣ ଦୃଶ୍ୟ ସଜ୍ଜା ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଥିଲା ?

ପ୍ରତାପ : ନାଇଁ ବାବୁ, ଆଜିକାଲି କେତେ ପ୍ରକାର ସିନ୍-ସିନେରୀ, ଆଲୋକ ସଜ୍ଜା ବ୍ୟବହାର କରାଯାଉଛି । ଆମ କାଳେ ସେ ସବୁ ନଥିଲା । ହେଲେ ସେତେବେଳେ ସେଇ ପ୍ରକାରର ଅଭିନେତା ସବୁଥିଲେ, ଯେଉଁମାନେ ନିଜ ଅଭିନୟର କଳା କୁଶଳତା ଏବଂ ନିଷ୍ଠାପର ଗୁଣଦ୍ୱାରା ନାଟକ ଗୁଡ଼ିକର ମହତ୍ତ୍ୱ ବଢ଼ାଇ ଦେଉଥିଲେ । ଆଜିକାଲି ଏପରି କଳାକାର ବହୁତ କମ୍ ଅଛନ୍ତି ।

ଯୋସେଫ୍: ପ୍ରତାପ ବାବୁ ! ଯାତ୍ରାର ଭବିଷ୍ୟତ ସମ୍ପର୍କରେ ଆପଣଙ୍କ

आदि का व्यवहार किया जाता है! लेकिन हमारे समय में ये सब नहीं थे। तब उस प्रकार के अभिनेता थे जो अपनी अभिनय की कुशलता और निष्ठापर गुणों से नाटकों का महत्त्व बढ़ा देते थे। आजकल ऐसे कलाकार बहुत कम हैं।

जोसेफ : प्रताप बाबु ! 'यात्रा' के भविष्य के बारे में आपका क्या अनुमान है? आधुनिक नाट्यशिल्पियों को यदि आप कुछ उपदेश देते, तो वे लोग उपकृत होते।

प्रताप : बड़ी बात यह है कि 'यात्रा' परंपरा के आदिमरूप की रक्षा करना। विविध प्रकार के दृश्य-दृश्यावलियों का प्रयोग न कर के मुक्त रंगमंच में ही 'यात्रा' करना चाहिए। वरना ऐसे नाटक करते करते, ओड़िशा की पुरातन 'यात्रा शैली' आधुनिक नाटकों के बीच में गुम हो जाएगी।

जोसेफ : मैं सोचता हूँ की वैष्णव पाणि को लोग धीरे-धीरे भूल जाएँगे।

ଅନୁମାନ କ'ଣ? ଆଧୁନିକ ନାଟ୍ୟ ଶିଳ୍ପୀମାନଙ୍କୁ ଆପଣ ଯଦି କିଛି ଉପଦେଶ ଦିଅନ୍ତେ, ତେବେ ସେମାନେ ଉପକୃତ ହୁଅନ୍ତେ ।

ପ୍ରତାପ : ବଡ଼ କଥା ହେଲା ଯାତ୍ରା ପରମ୍ପରାର ମୌଳିକତା ରକ୍ଷା କରିବା । ବିଭିନ୍ନ ପ୍ରକାର ସିନ୍- ସିନେରୀ ପ୍ରୟୋଗ ନକରି ମୁକ୍ତ ରଙ୍ଗ ମଞ୍ଚରେ ହିଁ ଯାତ୍ରା କରାଯିବା ଉଚିତ । ନହେଲେ ଆଜ୍ଞା, ଏମିତି ନାଟକ କରୁ କରୁ ଓଡ ିଶାର ପୁରାତନ ଯାତ୍ରା ଶୈଳୀ ଆଧୁନିକ ନାଟକ ଭିତରେ ହଜିଯିବ ।

ଯୋସେଫ୍: ମୁଁ ତ ଭାବୁଛି ଧୀରେ ଧୀରେ ଲୋକେ ବୈଷ୍ଣବ ପାଣିଙ୍କୁ ଭୁଲିଯିବେ ।

ପ୍ରତାପ : ଆପଣ ସତ କହିଲେ । ହେଲେ ଆପଣମାନଙ୍କ ପରି ଯୁବ କଳାକାରମାନେ ଓଡ଼ିଆ ଯାତ୍ରାକୁ ବଞ୍ଚାଇ ରଖିବା ଉଚିତ । ଆପଣମାନେ ହିଁ କଳାକାରମାନଙ୍କୁ ଠିକ୍ ରୂପେ ମାର୍ଗ ଦର୍ଶନ ଦେଇପାରିବେ ।

ଯୋସେଫ୍: ମୋ ମତରେ ଆପଣ ଯଦି ନାଟ୍ୟକଳା ଭଲଭାବରେ

प्रताप : **आप ने सही बात कही। इसलिए आप जैसे युवा कलाप्रेमियों को ओड़िआ यात्रा को बचाए रखना चाहिए। आप लोग ही कलाकारों को सही मार्गदर्शन दे सकते हैं।**

जोसेफ : **मेरी राय में आप नाटक कला अच्छी तरह सिखाने केलिए एक स्कूल खोलेंगे तो बहुत अच्छा होगा। नवयुवक कलाकारों को सच्चा प्रशिक्षण आप जैसे महान कलाकारों से ही पाना है।**

प्रताप : **लेकिन मेरी उम्र तो बढ़ गई है। शारीरिक शक्ति भी कम हो गई है।**

जोसेफ : **निदेशन देने में आप तैयार होंगे तो ऐसा एक स्कूल खोलने केलिए मैं और मेरे साथी तैयार हैं। आप निश्चिंत रहिए। सब इंतज़ाम कर के हम आप के पास आएँगे।**

प्रताप : **अच्छा जी, फिर मिलेंगे।**

ଶିଖେଇବା ପାଇଁ ଗୋଟିଏ
ସ୍କୁଲ ଖୋଲି ପାରନ୍ତେ ତେବେ
ବହୁତ ଭଲ ହେବ। ନବ
କଳାକାରମାନଙ୍କୁ ଉଚିତ୍
ପ୍ରଶିକ୍ଷଣ ଆପଣଙ୍କପରି ମହାନ୍
କଳାକାରଙ୍କଠାରୁ ହିଁ ପାଇବା
ଦରକାର।

ପ୍ରତାପ : ହେଲେ ମୋ ବୟସ ତ ବଢ଼ି
ଗଲାଣି। ଶାରୀରିକ ଶକ୍ତି
ମଧ୍ୟ କମି ଗଲାଣି।

ଯୋସେଫ୍: ନିର୍ଦ୍ଦେଶନା ଦେବାପାଇଁ
ଆପଣ ଯଦି ପ୍ରସ୍ତୁତ
ହୋଇପାରନ୍ତେ ତେବେ ଏପରି
ଗୋଟିଏ ସ୍କୁଲ ଖୋଲିବା ପାଇଁ
ମୁଁ ଏବଂ ମୋ ସାଙ୍ଗମାନେ
ପ୍ରସ୍ତୁତ ଅଛନ୍ତି। ଆପଣ
ନିଶ୍ଚିନ୍ତ ରୁହନ୍ତୁ। ସବୁ ପ୍ରକାର
ବ୍ୟବସ୍ଥା କରି ଆମେ
ଆପଣଙ୍କ ପାଖକୁ ଆସିବୁ।

ପ୍ରତାପ : ଆଜ୍ଞା ହଁ, ପୁଣି ଦେଖାହେବ।

शब्दार्थ

ओड़िआ शब्द	हिंदी अर्थ
ସାକ୍ଷାତକାର	साक्षात्कार
ପ୍ରତିଷ୍ଠିତ	प्रतिष्ठित
ନାଟ୍ୟଶିଳ୍ପୀ	नाट्य शिल्पी
ନାଟକ	नाटक

ଯାତ୍ରା	**'यात्रा' 'गण-नाट्य'**
ଆଧୁନିକ	**आधुनिक**
ଶୈଳୀ	**शैली**
ଆଜି କାଲିକା	**आजकल का**
ଚରିତ୍ର	**भूमिका**
ସୁନ୍ଦରୀ	**सुंदरी**
ସ୍ୱାଧୀନତା	**स्वाधीनता**
ଖାଣ୍ଟିସତ	**संपूर्ण सत्य**
ନାଟ୍ୟକାର	**नाट्यकार**
ଅସଂଖ୍ୟ	**हजारों, असंख्य**
ଦୃଶ୍ୟସଜ୍ଜା	**सज्जा**
ଆଲୋକ ସଜ୍ଜା	**प्रकाश-व्यवस्था**
ନିଷ୍ଠାପର	**निष्ठावंत**
ଭବିଷ୍ୟତ	**भविष्यत्**
ଅନୁମାନ	**अंदाज, अनुमान**
ଯେଉଁମାନେ	**जो**
ସେଇ ପ୍ରକାର	**उस प्रकार**
ଅଭିନୟ	**अभिनय**
କୁଶଳତା	**कुशलता**
ଗୁଣ	**स्वभाव**
ମହତ୍ତ୍ୱ	**महत्व**
ଉପଦେଶ	**उपदेश**
ଉପକୃତ	**उपकृत**
ମୌଳିକତା	**मौलिकता**
ପରମ୍ପରା	**परंपरा**
ମୁକ୍ତ ରଙ୍ଗମଞ୍ଚ	**खुला रंगमचं**
ପୁରାତନ	**पुरातन**

ଯୁବ	**युवा**
କଳାକାର	**कलाकार**
ବଞ୍ଚେଇ ରଖିବା	**बचाए रखना**
ସ୍କୁଲ	**स्कूल**
ନବଯୁବକ	**नव युवक**
ପ୍ରଶିକ୍ଷଣ	**प्रशिक्षण**
ମହାନ୍	**महान्**
ଶାରୀରିକ	**शारीरिक**
ବଳ	**बल**
ନିର୍ଦ୍ଦେଶନା	**निदेशन**

ଅଭ୍ୟାସ
अभ्यास

I. ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପୁର୍ନଃଅଭ୍ୟାସ କରନ୍ତୁ ।
(नीचे दिए गए वाक्य दोहराइए।)

1. ଆପଣଙ୍କ ସମୟର ନାଟକ ବିଷୟରେ ମତେ ଯଦି କିଛି କହନ୍ତେ ତେବେ ଭଲ ହୁଅନ୍ତା ।
2. ଆଜି କାଲିକା ପିଲାଙ୍କ ଦ୍ୱାରା ଯାତ୍ରା ହେବନି ।
3. ଯିଏ ଯେତେ ଭଲ ଗାଇ ପାରୁଥିଲା, ସିଏ ସେତେ ସୁନ୍ଦର ଭୂମିକାବି ପାଉଥିଲା ।
4. ଗତ ବର୍ଷ ଆମେ ଜନତା ଗଣନାଟ୍ୟ ଦ୍ୱାରା ତିନି ଦିନ ଧରି ଯାତ୍ରା କରେଇଥିଲୁ ।
5. ତାଙ୍କ ଯାତ୍ରା ଗୁଡ଼ିକ ଭିତରେ ମତେ "ରଙ୍ଗସଭା", "କର୍ଣ୍ଣବଧ" ଖୁବ୍ ଭଲଲାଗେ ।
6. ସେ 'କର୍ଣ୍ଣବଧ'ରେ ଦ୍ରୌପଦୀ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କୁ କନ୍ଦେଇ ଦେଇଥିଲା ।
7. ଆପଣଙ୍କ ପରି ଯୁବ କଳାକାରମାନେ ଓଡ଼ିଆ ଯାତ୍ରାକୁ ବଞ୍ଚେଇ ରଖିବା ଉଚିତ୍ ।
8. ଆପଣମାନେ ହିଁ କଳାକାରମାନଙ୍କୁ ଠିକ୍ ରୂପେ ମାର୍ଗ ଦର୍ଶନ ଦେଇପାରିବେ ।
9. ଆପଣ ନାଟ୍ୟକଳା ଶିଖାଇବା ପାଇଁ ଗୋଟିଏ ସ୍କୁଲ ଖୋଲିପାରନ୍ତେ ତ ବହୁତ ଭଲହୁଅନ୍ତା ।
10. ବୟସ ତ ବଢ଼ିଗଲାଣି, ଶାରୀରିକ ବଳ ମଧ୍ୟ କମିଗଲାଣି ।

II. ବାକ୍ୟରେ ରେଖାଙ୍କିତ ଶବ୍ଦ ସ୍ଥାନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ନୂତନ ବାକ୍ୟ ଗଠନ କରନ୍ତୁ ।

(वाक्यों में रेखांकित शव्दों के स्थान पर दिए गए शव्दों का प्रयोग कर नये वाक्य बनाइए।)

1. ଆପଣ ନାଟକ ବିଷୟ୍ରେ ମତେ ଯଦି କିଚ୍ଛି କହନ୍ତେ, ତେବେ ଭଲ ହୁଅନ୍ତା ।

   ଟାକୁ
   ସେମାନଙ୍କୁ
   ପିଲାମାନଙ୍କୁ
   କଳାକାରମାନଙ୍କୁ
   ନାଟ୍ୟଶିଳ୍ପୀମାନଙ୍କୁ

2. ଆଜି କାଲିକା ପିଲାଙ୍କ ଦ୍ୱାରା ଯାତ୍ରା ହେବନି ।

   ପାଠ
   କିଚ୍ଛି
   କାମ
   ନାଟକ
   ଅଭିନୟ୍

3. ଗତ ବର୍ଷ ଆମେ ପିଲାମାନଙ୍କ ଦ୍ୱାରା ଯାତ୍ରା କରେଇଥିଲୁ ।

ନର୍ତ୍ତକୀମାନଙ୍କ	ନାଚ
ଛାତ୍ରମାନଙ୍କ	ଡ୍ରାମା
ଶିଳ୍ପୀମାନଙ୍କ	ନାଟକ
ଝିଅମାନଙ୍କ	ପରୀକ୍ଷା
କବିମାନଙ୍କ	ସମ୍ମିଳନୀ

4. ନାଟକ ଭିତରେ ମତେ ରଙ୍ଗସଭା ଭଲଲାଗେ ।

   ତୁମକୁ ନାଚ
   ସେମାନଙ୍କୁ ଅଭିନୟ୍
   ଟାଙ୍କୁ ଗୀତ
   ବାପାଙ୍କୁ ଥଟ୍ଟା ଟାମସା
   ଲିଲିକୁ ଡାଇଲଗ୍

5. <u>ସେ</u> ଅଭିନୟ କରି କନ୍ଦେଇ <u>ଦେଉଥିଲା</u> ।

ତୁ	ଦେଉଥିଲୁ
ତୁମେ	ଦେଉଥିଲ
ସେମାନେ	ଦେଉଥିଲେ
ଆମେମାନେ	ଦେଉଥିଲୁ
ଆପଣମାନେ	ଦେଉଥିଲେ

6. ଯୁବ <u>କଳାକାର</u> ମାନେ ଓଡ଼ିଆ <u>ଯାତ୍ରା</u> କୁ ବଞ୍ଚେଇ ରଖିବେ ।

ନାଟ୍ୟକାର	ନାଟକ
ସାହିତ୍ୟିକ	ସାହିତ୍ୟ
କବି	କବିତା
ନୃତ୍ୟଶିଳ୍ପୀ	ନୃତ୍ୟଶୈଳୀ
ଗାୟକ	ସଙ୍ଗୀତ

III. ଉଦାହରଣ ଅନୁଯାୟୀ ନିମ୍ନରେ ଦିଆ ଯାଇଥିବା ବାକ୍ୟଗୁଡ଼ିକୁ ଯୋଡ଼ି ଗୋଟିଏ ଗୋଟିଏ ବାକ୍ୟ ଗଠନ କରନ୍ତୁ ।

(उदाहरण के अनुसार नीचे दिए गए वाक्य युग्मों को जोड़ कर एक एक वाक्य बनाइए।)

ଉଦାହରଣ :- ଆପଣ ମୋ ଠାରୁ ଶୁଣିବାକୁ ଚାହାନ୍ତି ।
ମୁଁ କହିବି ।
ଯଦି ଆପଣ ମୋ ଠାରୁ ଶୁଣିବାକୁ ଚାହାନ୍ତି ତେବେ ମୁଁ କହିବି ।

1. ଆପଣ ପୁରୀ ଯାଆନ୍ତୁ ।
ମୁଁ ପୁରୀ ଯାଆନ୍ତି ।

2. ସେ ଭାତ ଖାଆନ୍ତି ।
ମୁଁ ଭାତ ଖାଇବି ।

3. ତୁମ ଘର କଥା ମତେ ଶୁଣାନ୍ତୁ ।
ମୁଁ ଘର କଥା ଶୁଣାନ୍ତି ।

4. ତୁମେ ସ୍କୁଲକୁ ଯିବ ।
ସେମାନେ ସ୍କୁଲକୁ ଯିବେ ।

5. ପିଲାମାନେ ପାଠ ପଢ଼ନ୍ତି
ଭଲ ହେବ ।

IV. ଉଦାହରଣ ଅନୁଯାୟୀ ନିମ୍ନଲିଖିତ ବାକ୍ୟ ଗୁଡ଼ିକର ବାଚ୍ୟ ପରିବର୍ତ୍ତନ କରନ୍ତୁ ।

(उहाहरण के अनुसार नीचे दिए गए वाक्यों का वाच्य परिवर्त्तन कीजिए।)

ଉଦାହରଣ :- ଆଜି କାଲିକା ପିଲା ଯାତ୍ରା କରିବେ ।
ଆଜି କାଲିକା ପିଲାଙ୍କ ଦ୍ୱାରା ଯାତ୍ରା ହେବ ।

1. ମୋ ଝିଅ ନାଚ ଶିଖିବ ।
2. ସେମାନେ ପାଠ ପଢ଼ିବେ ।
3. ଜାହ୍ନବୀ ପିଠା କରିବ ।
4. ମଧୁ ଫୁଟବଲ୍ ଖେଳିବ ।
5. ଶୁଭଲକ୍ଷ୍ମୀ ଗୀତ ଗାଇବ ।
6. ପ୍ରତାପ ବାବୁ ନାଟକ ଲେଖିବେ ।

V. ଉଦାହରଣ ଅନୁଯାୟୀ ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ବାକ୍ୟକୁ ଦୁଇ ଦୁଇଟି ବାକ୍ୟରେ ପରିଣତ କରନ୍ତୁ ।
(उदाहरण के अनुसार नीचे दिए गए प्रत्येक वाक्य के दो दो वाक्य बनाइए ।)

(1) ଉଦାହରଣ :- ଯିଏ ସଭାରେ ଭଲ ଗାଉଥିଲା ସିଏ ମୋର ସାଙ୍ଗ ଥିଲା ।
1. ଯିଏ ସଭାରେ ଭଲ ଗାଉଥିଲା ।
2. ସିଏ ମୋର ସାଙ୍ଗଥିଲା ।

1. ଯିଏ ଖାଉଥିଲା ସିଏ ମୋର ଭଉଣୀ ଥିଲା ।
2. ଯିଏ ବହି ଧରି ଆସୁଥିଲା ସିଏ ମୋର ସାଙ୍ଗ ଥିଲା ।
3. ଯିଏ ଭଲ ନାଚୁଥିଲା ସିଏ ରାମର ଭଉଣୀ ଥିଲା ।
4. ଯିଏ କଟକ ଯାଉଥିଲେ ସିଏ ମୋର ଅଜା ଥିଲେ ।
5. ଯିଏ ଜାନକୀକୁ ଡାକୁଥିଲେ ସିଏ ମୋର ବାପା ଥିଲେ ।

(2) ଉଦାହରଣ :- ଯେତେ ତୁମକୁ ଜଣା ସେତେ ଆମକୁ ମଧ୍ୟ ଜଣା ।
1. ତୁମକୁ ଜଣା ଅଛି ।
2. ମତେ ବି ଜଣା ଅଛି ।

1. ଯେତେ କାମ ମଧୁ କରିପାରିବ ସେତେ କାମ ମୁଁ ମଧ୍ୟ କରିପାରିବି ।
2. ଯେତେ ତୁମେ ଖାଇପାରିବ ସେତେ ମୁଁ ମଧ୍ୟ ଖାଇପାରିବି ।
3. ଯେତେ ଦୂର ତୁମେ ଯାଇପାରିବ ସେତେଦୂର ମୁଁ ମଧ୍ୟ ଯାଇପାରିବି ।
4. ଯେତେ ସମ୍ପତ୍ତି ମୋର ଥିଲା ସେତେ ସମ୍ପତ୍ତି ତାଙ୍କର ମଧ୍ୟ ଥିଲା ।
5. ଯେତେ ମୁଁ ପଢୁଥିଲି ସେତେ ସେ ମଧ୍ୟ ପଢୁଥିଲେ ।

(3) ଉଦାହରଣ :- ତୁ ଯେଉଁଠିକି ଯାଇଥିଲୁ ମୁଁ ବି ସେଠାକୁ ଯାଇଥିଲି ।
1. ତୁ ସେଠାକୁ ଯାଇଥିଲୁ ।
2. ମୁଁ ବି ସେଠାକୁ ଯାଇଥିଲି ।

1. ତୁ ଯେଉଁଠିକି ଖେଳିବାକୁ ଯାଇଥିଲୁ ମୁଁ ବି ସେଠାକୁ ଖେଳିବାକୁ ଯାଇଥିଲି ।
2. ସେ ଯେଉଁଠିକି ପାଠ ପଢ଼ିବାକୁ ଯାଇଥିଲା ମୁଁ ସେଇଠିକି ପଢ଼େଇବାକୁ ଯାଇଥିଲି ।
3. ତୁମେ ଯେଉଁଠିକି ଭାଷଣ ଶୁଣିବାକୁ ଯାଇଥିଲ ମୁଁ ବି ସେଇଠିକି ଶୁଣିବାକୁ ଯାଇଥିଲି ।
4. ଆପଣ ଯେଉଁଠିକି ବୁଲିବାକୁ ଯାଇଥିଲେ ସେ ବି ସେଇଠିକି ବୁଲିବାକୁ ଯାଇଥିଲେ ।
5. ସେମାନେ ଯେଉଁଠିକି ନାଚିବାକୁ ଯାଇଥିଲେ ସେ ବି ସେଇଠିକୁ ନାଚିବାକୁ ଯାଇଥିଲା ।

(4) ଉଦାହରଣ :- ତୁ ମତେ ଯେଉଁ ପ୍ରକାର କହିଥିଲୁ ମୁଁ ସେଇ ପ୍ରକାର କଲି ।

1. ତୁ ମତେ କହିଥିଲୁ ।
2. ମୁଁ କଲି ।

1. ରୀନା ମତେ ଯେଉଁ ପ୍ରକାର କହିଥିଲା ମୁଁ ସେଇ ପ୍ରକାର କଲି ।
2. ତୁ ଯେଉଁ ପ୍ରକାର କର୍ମ କରିବୁ ତୁ ସେଇ ପ୍ରକାର ଫଳ ପାଇବୁ ।
3. ତମେ ଯେଉଁ ପ୍ରକାର ଭାବୁଥିଲ ତମେ ସେଇ ପ୍ରକାର କଲ।
4. ଆପଣଙ୍କ ବାପା ମୋତେ ଯେଉଁ ପ୍ରକାର କହିଥିଲେ ମୁଁ ସେଇ ପ୍ରକାର କଲି ।
5. ସେ ଯେଉଁ ପ୍ରକାର ଅଭିନୟ କଲା ମୁଁ ସେଇ ପ୍ରକାର ଅଭିନୟ କଲା ।

(5) ଉଦାହରଣ :- ଯେତେବେଳେ ତୁମେ ନେଇକରି ଯିବ ସେତେବେଳେ ମୁଁ ଆସିବି ।

1. ତୁମେ ନେଇକରି ଯିବ ।
2. ମୁଁ ବି ଆସିବି ।

1. ଯେତେବେଳେ ବୋଉ ମନ୍ଦିର ଯିବ ସେତେବେଳେ ମୁଁ ତା ସାଙ୍ଗରେ ଯିବି ।
2. ଯେତେବେଳେ ତୁମେ ଡାକ୍ତର ହେବ ସେତେବେଳେ ତୁମେ ବି ରୋଗୀ ସେବା କରିବ ।
3. ଯେତେବେଳେ ସେ ଛୋଟ ଥିଲା ସେତେବେଳେ ବହୁତ ଦୁଷ୍ଟ ଥିଲା ।
4. ଯେତେବେଳେ ସ୍କୁଲ ଘଣ୍ଟା ବାଜିବ ସେତେବେଳେ ଆମର ଛୁଟି ହେବ ।
5. ଯେତେବେଳେ ସେମାନେ ଖାଇବେ ସେତେବେଳେ ଆମେ ଖାଇବୁ ।
6. ଯେତେବେଳେ ଶିକ୍ଷକ ଆସିବେ ସେତେବେଳେ ପିଲାମାନଙ୍କର ପାଠ ପଢ଼ା ଆରମ୍ଭ ହେବ ।

(6) ଉଦାହରଣ :- ଯିଏ ଯେତେ ଭଲ ଗାଉଥିଲା, ସିଏ ସେତେ ପ୍ରଶଂସା ପାଉଥିଲା ।

ସିଏ ଭଲ ଗୀତ ଗାଉଥିଲ ।

ସିଏ ପ୍ରଶଂସା ପାଉଥିଲ ।

1. ଯିଏ ଯେତେ ଭଲ ନାଟକ କରିବ, ସିଏ ସେତେ ସୁଯୋଗ ପାଇବ ।
1. ଯିଏ ଯେତେ ନାଟକ ଲେଖିବ ସିଏ ସେତେ କବିତା ଲେଖିବ ।
2. ଯିଏ ଯେତେ ପରିଶ୍ରମ କରିବ, ସିଏ ସେତେ ସଫଳତା ପାଇବ ।
3. ଯିଏ ଯେତେ ଫୁଲ ତୋଳିବ, ସିଏ ସେତେ ମାଳ ଗୁନ୍ଥିବ।
4. ଯିଏ ଯେତେ ପାଠ ପଢ଼ିବ, ସିଏ ସେତେ ଫଳ ପାଇବ।

VI. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ବାକ୍ୟ ପୂରଣ କରନ୍ତୁ ।
(कोष्ठक में दिए गए शव्दों में से उपयुक्त शब्द चून कर वाक्य पूरे कीजिए।)
(କରିବେ, ଭଲଲାଗେ, ଗଢ଼ିଥିଲେ, ଅପେକ୍ଷା କରିଥିଲି, ପ୍ରଂଶସା କଲେ)

1. ପିଲାମାନଙ୍କ ନାଟକ ଦେଖି ବିଜୟ୍ ବାବୁ _____ ।
2. ମତେ ସଞ୍ଜବେଳେ ବୁଲିବାକୁ _____ ।
3. କେଉଁ ଶିଳ୍ପୀ ଏ ମନ୍ଦିରକୁ ______ ?
4. ତୁମେ ଆସିବ ବୋଲି ମୁଁ _____ ।
5. ଛୋଟ ପିଲାମାନେ ଖେଳଣା ପାଇଁ ଅଳି ______ ।

VII. ବନ୍ଧନୀରେ ଦିଆ ଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କରନ୍ତୁ ।)
(कोष्ठक में दिए गए निदेशों के अनुसार वाक्यों का परिवर्तन कीजिए।)

1. ତୁମେ କଟକ ଯିବ । ('ଯଦି', 'ବି' ଲଗାଇ ବାକ୍ୟକୁ ଯୋଡ଼ନ୍ତୁ)
   ମୁଁ କଟକ ଯିବି ।
2. ସବିତା ସୁନ୍ଦର ଗୀତ ଗାଇପାରେ । (ଯେମିତି, ସେମିତି ଲଗାଇ ବାକ୍ୟକୁ ପରିବର୍ତ୍ତନ କରନ୍ତୁ)
   ସବିତା ସୁନ୍ଦର ନାଚ କରିପାରେ ।
3. ସେ ଅଙ୍କ କଷିବ । (କର୍ମ ବାଚ୍ୟ ବାକ୍ୟ କରନ୍ତୁ)
4. ପିଲାଟି ଶୋଇଛି । (ମା, ଚାକର ଶବ୍ଦ ପ୍ରୟୋଗ କରି ପ୍ରେରଣାର୍ଥକ ବାକ୍ୟରେ ପରିବର୍ତ୍ତନ କରନ୍ତୁ)

IX. 'କ' ଓ 'ଖ' ବର୍ଗର ଶବ୍ଦ ଗୁଡ଼ିକୁ ଉପଯୁକ୍ତ ରୀତିରେ ଯୋଡ଼ି ନିଜ ବାକ୍ୟରେ ପ୍ରୟୋଗ କରନ୍ତୁ ।
('क' ओर 'ख' वर्ग के शब्दों को उपयुक्त रीति में जोड़ कर अपने वाक्यों में प्रयोग कीजिए।)

'କ' 'ଖ'

ଦୁଃଖ	ଥିବ
ପ୍ରଶଂସା	ଲାଗିବ
କରି	କରିବ
ଦେଇ	ଦେବ
ଥୋଇ	ଯିବ

ପଢ଼ନ୍ତୁ ଓ ବୁଝନ୍ତୁ

ଗଣକବି ବୈଷ୍ଣବ ପାଣି

गणकवि वैष्णव पाणि

ସାହିତ୍ୟ ହେଉଛି ଜୀବନ ପାଇଁ ଶ୍ରେଷ୍ଠ ଚାରୁକଳା । ଆଉ ଏଇ ସାହିତ୍ୟ ଜଗତରେ ନାଟକ ବା ଯାତ୍ରା ହିଁ ବିଶେଷ ପ୍ରଭାବଶାଳୀ । ଏହା ବିଶେଷ ପ୍ରଭାବଶାଳୀ ହେଲେ ମଧ୍ୟ ଏହା କେବଳ ଶ୍ରାବ୍ୟ ନୁହେଁ, ଦୃଶ୍ୟ ମଧ୍ୟ । ଏହାକୁ ପଞ୍ଚମ ବେଦ ରୂପରେ ସ୍ୱୀକାର କରାଯାଇଛି । ମନୁଷ୍ୟ ଏହାକୁ ମନୋରଂଜନ ପାଇଁ ଗ୍ରହଣ କରିନାହିଁ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଏହା ଏହା ଏକ ବଳିଷ୍ଠ ମାଧ୍ୟମ । ଯାତ୍ରାରେ ସଂସ୍କୃତିର ପ୍ରକୃଷ୍ଟ ପ୍ରତିଫଳନ ଘଟିଥାଏ । ସାମାଜିକ ରୁଚିର ପରିବର୍ତ୍ତନ ଘଟିଲେ ଯାତ୍ରା ତା'ର ଗତି ପରିବର୍ତ୍ତନ କରିଥାଏ । ନାଟ୍ୟକାର ସମାଜ ତଥା ସମାଜସ୍ଥିତି ଓ ଦର୍ଶକମାନଙ୍କୁ ଚାହିଁ ତା'ର ଲେଖନୀର ଦିଗ ପରିବର୍ତ୍ତନ କରେ । ଏକ ସମାଜ ସଚେତନ ଶିଳ୍ପୀ ବାସ୍ତବ ସମସ୍ୟାକୁ ଉପଲ୍‌ବଧ କରି ନାଟକ ମାଧ୍ୟମରେ ଏହାକୁ ପ୍ରକାଶ କରିଥାଏ ।

ଓଡ଼ିଶାର ଯାତ୍ରା କହିଲେ ଆମେ ବୈଷ୍ଣବ ପାଣିଙ୍କ ନାମ ସ୍ମରଣ କରୁ । ସେ ବିଂଶ ଶତାବ୍ଦୀର ଜଣେ ପ୍ରସିଦ୍ଧ କବି ତଥା ନାଟ୍ୟକାର । କଟକ ଜିଲ୍ଲାର 'କୋଟପଦା' ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ସେ ପ୍ରଥମେ କବିତା ଲେଖୁଲେଖୁ ପରେ ନାଟକ ଲେଖାରେ ମନୋନିବେଶ କଲେ । ଗୀତି ନାଟ୍ୟ ଲେଖିକରି ସେ ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ସେ ଯେମିତି ସୁନ୍ଦର ଗୀତି କବିତା ଲେଖି ପାରୁଥିଲେ, ସେମିତି ସୁନ୍ଦର ଗୀତିନାଟ୍ୟ ମଧ୍ୟ ଲେଖିବାକୁ ଭଲ ପାଉଥିଲେ । ତାଙ୍କର ସୃଷ୍ଟି ସକଳ ମଧ୍ୟରେ ସମାଜର ବିଭିନ୍ନ ସମସ୍ୟା ଯେଉଁଭଳି ଭାବରେ ପ୍ରତିଫଳିତ ହୋଇପାରିଛି ତାହା ଅଦ୍ୱିତୀୟ୍ । ଏବେ ମଧ୍ୟ ବୈଷ୍ଣବ ପାଣିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଗାଁ ଗାଁରେ ଅଭିନୀତ ହୁଏ ।

ଗୀତିନାଟ୍ୟ ସ୍ରଷ୍ଟା ହିସାବରେ ସେ ଅଜାତଶତ୍ରୁ । ବିଶେଷତଃ ଦୃଢ଼ କଣ୍ଠରେ ସମାଜର

ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବାଲାଗି ସେ ଶ୍ରେଯ୍ସ୍କର ମଣିଚ୍ଛନ୍ତି । ଗଣକବି ବୈଷ୍ଣବ ପାଣି ବିଲାତି ପୋଷାକ ଓ ଚଳଣୀକୁ କେବଳ ଘୃଣା କରିନାହାନ୍ତି ସ୍ୱଦେଶୀ ପଦାର୍ଥର ଜନସମାଜରେ ଆଗ୍ରହ ବୃଦ୍ଧି ଲାଗି 'ମହିଷାସୁର ବଧ' ଗୀତାଭିନୟରେ କାଳଘଣ୍ଟ ମୁଖରେ କହିଚ୍ଛନ୍ତି । ସମାଜରେ ଭରି ରହିଥିବା ଟାଉଟର ଶ୍ରେଣୀର ଲୋକମାନଙ୍କୁ ମଧ୍ୟ ସେ ତାଙ୍କ ନାଟକ ମାଧ୍ୟମରେ ସମାଜକୁ ଦେଖେଇ ଦେଇପାରିଚ୍ଛନ୍ତି ।

ଗଣକବି ତତ୍କାଳୀନ ସମାଜରେ ଏକତା ତଥା ପରସ୍ପର ମଧ୍ୟରେ ବୁଝାମଣାର ଅଭାବ ଲକ୍ଷ୍ୟ କରିଚ୍ଛନ୍ତି । ଲୋକମାନଙ୍କ ମଧ୍ୟରେ ଏକତା ରକ୍ଷା କରିବା ଲାଗି ସେ ଆହ୍ୱାନ ଦେଇଚ୍ଛନ୍ତି । ବୈଷ୍ଣବ ପାଣି ଜଣେ ବ୍ରାହ୍ମଣ ହୋଇ ମଧ୍ୟ ହରିଜନ ମହିଳାଙ୍କୁ ବିବାହ କରିଥିଲେ । ସମାଜର କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ସେ ସ୍ୱର ଉଠାଉଥିଲେ । ସେଥିପାଇଁ ବୈଷ୍ଣବ ପାଣିଙ୍କୁ ଗଣକବି କୁହାଯାଏ । ଓଡ଼ିଶାରେ ଗଣକବି ଜୟନ୍ତୀ ଖୁବ୍ ଉତ୍ସାହର ସହିତ ପାଳନ କରାଯାଏ ।

शब्दार्थ

ओड़िआ शब्द	हिंदी अर्थ
ଗଣକବି	जनसामान्य/जनसाधारण के कवि
ବୈଷ୍ଣବ ପାଣି	ओडिआ के एक कवि तथा नाटककार का नाम। वैष्णव पाणि को 'गणकवि' कहते हैं।
ଶ୍ରେଷ୍ଠ ଚାରୁକଳା	श्रेष्ठ कला
ପଞ୍ଚମ ବେଦ	पाँचवाँ वेद
ପ୍ରକୃଷ୍ଟ ପ୍ରତିଫଳନ	ठीक तरह का प्रतिफलन
ବିଂଶ ଶତାବ୍ଦୀ	बीसवीं शताब्दी
ପ୍ରସିଦ୍ଧି	प्रसिद्ध
କବି	कवि
ନାଟ୍ୟକାର	नाट्यकार
ମନୋନିବେଶ	मन को एक काम में प्रवेश कराना (मनोनिवेश करना)
ଜନ୍ମଗ୍ରହଣ	जन्म लेना
ସୁନ୍ଦର	सुंदर
ଗୀତିକବିତା	गीति कविता

ଗୀତିନାଟ୍ୟ	**गीति नाट्य**
ସ୍ରଷ୍ଟା	**सृष्टि कर्त्ता**
ଅଭିନୀତ	**अभिनय**
ଶ୍ରେଯୃସ୍କର	**श्रेष्ठ**
ବିଲାତି ପୋଷାକ	**विदेशी के पोशाक**
ପୌରାଣିକ	**पौराणिक**
କଥାବସ୍ତୁ	**कथावस्तु**
ଘୃଣା	**घृणा**
ବ୍ୟତୀତ	**के सिवा**
ବ୍ରାହ୍ମଣ	**ब्राह्नण**
ହରିଜନ	**हरिजन**
ମହିଳା	**औरत, महिला**
କୁସଂସ୍କାର	**कुसंस्कार**
ଅନ୍ଧବିଶ୍ୱାସ	**अंधविश्वास**
ବୁଝାମଣାର ଅଭାବ	**समझदारी का अभाव**
ଏକତା ରକ୍ଷା କରିବା	**एकत्व की रक्षा करना**
ଜୟନ୍ତୀ	**जयंती**
ଉତ୍ସାହ	**उत्साह**

अभ्यास

I. ଅନୁଚ୍ଛେଦର ଆଧାର ଉପରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦିଅନ୍ତୁ।
(अनुच्छेद के आधार पर नीचे दिए गए प्रश्नों के उत्तर दीजिए)

1. ଯାତ୍ରା କହିଲେ ଆମେ କ'ଣ ବୁଝୁ ?
2. ବୈଷ୍ଣବ ପାଣି କିଏ ?
3. ସେ କେଉଁ ଶତାବ୍ଦୀର କବି ?
4. ସେ କେଉଁଠି ଜନ୍ମଗ୍ରହଣ କରିଥିଲେ ?
5. ବୈଷ୍ଣବ ପାଣି ଜାତିରେ କ'ଣ ଥିଲେ ?
6. ବୈଷ୍ଣବ ପାଣିଙ୍କୁ 'ଗଣକବି' କାହିଁକି କୁହାଯାଏ ?

7. ସେ କାହା ବିରୁଦ୍ଧରେ ସ୍ୱର ଉଠାଉଥିଲେ ?
8. ଓଡ଼ିଶାରେ ଗଣକବି ଜୟନ୍ତୀ କ'ଣ ପାଇଁ ଉତ୍ସାହର ସହ ପାଳନ କରାଯାଏ ?

II. ପ୍ରତ୍ୟେକ ଶବ୍ଦ ସମୂହରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଠିକ୍ କ୍ରମରେ ରଖି ବାକ୍ୟ ଗଠନ କରନ୍ତୁ ।

(प्रत्येक शब्द समूह में दिए गए शब्दों को सही क्रम में लाकर वाक्य बनाइए।)

1. ତାର ଗତି, ରୁଚିର ପରିବର୍ତ୍ତନ, ସାମାଜିକ, ନାଟକ, ପରିବର୍ତ୍ତନ, ଘଟିଲେ, କରିଥାଏ
2. ପ୍ରକାଶ କରିଥାଏ, ଏକ ସମାଜ, ବାସ୍ତବ ସମସ୍ୟାକୁ, ସଚେତନ ଶିଳ୍ପୀ, ନାଟକ ମାଧ୍ୟମରେ, ଉପଲବ୍ଧି କରି, ଏହାକୁ
3. ଯାତ୍ରା, ଓଡ଼ିଶାରେ, ଆମେ, ସ୍ମରଣ କରୁ, ବୈଷ୍ଣବ ପାଣିଙ୍କ, ନାମ, କହିଲେ
4. କବିତା, ପରେ, ମନୋନିବେଶ, କଲେ, ଲେଖୁଲେଖୁ, ସେ ପ୍ରଥମେ, ନାଟକ ଲେଖାରେ
5. ସେମିତି, ଲେଖିପାରୁଥିଲେ, ସେ, ମଧ୍ୟ, ସୁନ୍ଦର, ଗୀତି କବିତା, ଯେମିତି, ସୁନ୍ଦର, ଲେଖିବାକୁ, ଗୀତିନାଟ୍ୟ ଭଲପାଉଥିଲେ
6. ସହିତ, ଉତ୍ସାହର, ପାଳନ କରାଯାଏ, ଗଣକବି ଜୟନ୍ତୀ, ଖୁବ୍, ଓଡ଼ିଶାରେ

III. 'କ' ସ୍ତମ୍ଭର ଶବ୍ଦ ସହ ସମ୍ପର୍କ ଥିବା 'ଖ' ସ୍ତମ୍ଭର ଶବ୍ଦ ବାଛନ୍ତୁ ।
('क' तथा 'ख' वर्गों के शब्दों का सही मिलान कर वाक्यों में प्रयोग कीजिए।)

'କ'	'ଖ'
ଗଣ	ସାହିତ୍ୟ
ବୈଷ୍ଣବ	ଜିଲ୍ଲା
କଥା	ନାଟ୍ୟ
ଗୀତି	କବି
କଟକ	ପାଣି
ନାଟ୍ୟ	ବିଶ୍ୱାସ
ଅନ୍ଧ	ଜନ
ହରି	ବସ୍ତୁ

IV. ହିନ୍ଦୀରେ ଅନୁବାଦ କରନ୍ତୁ ।
(हिंदी में अनुवाद कीजिए।)

ସାଧାରଣତଃ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀ ତିଥିଠାରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ। ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ରାଧା ଓ କୃଷ୍ଣ। ତାଙ୍କ ନିକଟରେ ଏହି ଦିନଠାରୁ ଅବିର ଅର୍ପଣ କରାଯାଇଥାଏ। ସେତେବେଳେ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଫୁଲହାରରେ ମଣ୍ଡନ କରୁଥିଲେ, ଦୋଳିରେ ଝୁଲାଉ ଥିଲେ ଏବଂ ତାଙ୍କ ସହ ଫଗୁ ଖେଳି ଆମୋଦ ପ୍ରମୋଦରେ ମଗ୍ନ ରହୁଥିଲେ। ତେଣୁ ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଛୋଟ ଛୋଟ ବିମାନରେ ଚିତ୍ତାକର୍ଷକ ସାଜ ସଜ୍ଜା ସହିତ ମହାଆଡ଼ମ୍ବର ସହକାରେ ଗ୍ରାମର ପ୍ରତ୍ୟେକଙ୍କ ଘରକୁ ନିଆଯାଇଥାଏ। ପ୍ରତ୍ୟେକଙ୍କ ଦ୍ୱାରରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯିବା ସଙ୍ଗେ ସଙ୍ଗେ ପୁରୋହିତଙ୍କୁ ମଧ୍ୟ ଦକ୍ଷିଣା ଦିଆଯାଇଥାଏ। ଠାକୁରମାନଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦ୍ୱାରରେ ଅର୍ପିତ ଭୋଗକୁ 'ଦ୍ୱାରଭୋଗ' କୁହାଯାଇଥାଏ। ସେହିଦିନ ଯୁଆଡ଼େ ଦେଖ ସିଆଡ଼େ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମା ଆଉ ବିମାନରେ ମଧ୍ୟ ଭକ୍ତମାନେ ବୁଲାଉଥା'ନ୍ତି। ଯେଉଁଠି ପ୍ରଭୁ ସେଇଠି ଭକ୍ତଙ୍କର ସମାବେଶ। ସେଇଠି ଭକ୍ତମାନେ ପ୍ରଭୁଙ୍କ ପୀଠସ୍ଥଳୀରେ ନୈବେଦ୍ୟ ଅର୍ପଣ କରୁଥାନ୍ତି।

'ରଥଯାତ୍ରା' ବେଳେ ଯେପରି ଜଗତର ନାଥ ଜଗନ୍ନାଥ ନିଜ ସିଂହାସନରୁ ଓହ୍ଲାଇ ଆସନ୍ତି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେବାପାଇଁ ଆଉ ସେମିତି ଶ୍ରୀକୃଷ୍ଣ ଭକ୍ତମାନଙ୍କଠାରୁ ଭୋଗ ନେବାପାଇଁ ଦୋଳଉତ୍ସବ ବେଳେ ଚାଲି ଆସିଥାନ୍ତି ଭକ୍ତଙ୍କ ପାଖକୁ। ସାଧାରଣତଃ ଗାଁରେ ଥିବା ରାଧାକୃଷ୍ଣଙ୍କ ମନ୍ଦିରର ଆଗ୍ନେୟ ଦିଗରେ ଅଇଘରା ବା ଅଗ୍ନିପୂଜା ପାଇଁ ପ୍ରସ୍ତୁତି କରାଯାଇଥାଏ। ଅଇଘରା ପାଇଁ ଜାଳେଣୀ ସାମଗ୍ରୀ ସବୁ ଏକାଠି କରି ଏକ କୁଡ଼ିଆ ଘର ଭଳି ସଜ୍ଜିତ କରାଯାଇଥାଏ, ଯେମିତି ସେଇ ଘର ଭିତରେ ଗୋଟିଏ ମେଣ୍ଢା ରହିପାରିବ। କାରଣ ମେଣ୍ଢା ଅଗ୍ନିଙ୍କ ବାହନ। ପ୍ରାୟ ସବୁ ସ୍ଥାନରେ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥରେ ନିର୍ମିତ ଗୋଟିଏ ମେଣ୍ଢାର ପ୍ରତିକୃତି ରହିବାବେଳେ ଆଉ କେତେକ ସ୍ଥାନରେ ସେଇ ପ୍ରତିକୃତି ସହିତ ସତକୁ ସତ ଏକ ଜୀବନ୍ତ ମେଣ୍ଢାକୁ ତାରି ଭିତରେ ରଖି ଦିଆଯାଇଥାଏ। ଠାକୁର ବିମାନରେ ନଗର ପରିକ୍ରମା ସାରି, ଦ୍ୱାରଭୋଗ ଗ୍ରହଣ କରିସାରିବା ପରେ ଯେତେବେଳେ ମନ୍ଦିର ନିକଟକୁ ଫେରି ଆସିଥାନ୍ତି ସେତେବେଳେ ଅଇଘରାରେ ଅଗ୍ନି ସଂଯୋଗ କରାଯାଇଥାଏ। କୁଡ଼ିଆ ଆକୃତିର କାଠଗଦା ଉପରେ ଅଗ୍ନି ସଂଯୋଗ ହେବାପରେ ଜୀବନ୍ତ ମେଣ୍ଢାଟି ତାରି ଭିତରୁ ବାହାରକୁ ଖସି ଆସିଥାଏ। ତାରି ପ୍ରତିକୃତିଟି ସେଇ ଅଗ୍ନି ମଧ୍ୟରେ ରହି ଯାଇଥାଏ। ତାହାହିଁ ଅଇଘର। ସେଇ ନିକଟରେ ଠାକରଙ୍କୁ ପୂଜା ଅର୍ଚ୍ଚନା କରାଯିବାପରେ ଅଇଘରାର ଚତୁଃପାର୍ଶ୍ୱରେ ଠାକୁରଙ୍କୁ ବିମାନ ସହିତ ସାତଥର ପରିଭ୍ରମଣ କରାଯାଇଥାଏ।

ଦୋଳପୂର୍ଣ୍ଣିମୀ ଦିନ ସାଧରଣତଃ ଠାକୁରମାନଙ୍କୁ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ଥିବା ଏକ ମଣ୍ଡପକୁ ନିଆଯାଇଥାଏ। ସେହି ମଣ୍ଡପର ନାମ ଦୋଳମଣ୍ଡପ। ସେଠାରେ ପୂଜା ଅର୍ଚ୍ଚନା

କରାଯିବା ସଙ୍ଗେ ସଙ୍ଗେ ଠାକୁରମାନେ ଦୋଳି ଖେଳନ୍ତି ଓ ସେଠାରେ ନାଲି ଅବିର ଅର୍ପଣ କରାଯାଇଥାଏ । ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଳଣ ପଡ଼ିଆକୁ ନିଆଯିବା ବେଳର ଦୃଶ୍ୟ ଅତି ଚମତ୍କାର ଓ ଚିତାକର୍ଷକ । ପାଟ ପଟୁଆର, ରୋଷଣୀ, ନାଚତାମସା, ବାଦ୍ୟ ସଂଗୀତ ଓ ଖୋଳ କୀର୍ତ୍ତନ ସମେତ ଠାକୁରଙ୍କ ବିମାନଗୁଡ଼ିକର ସାଜସଜ୍ଜା କରାଯାଇଥାଏ । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଏହା ସମାରୋହରେ ପାଳିତ ହୋଇଥାଏ ।

V. ଓଡ଼ିଆରେ ଅନୁବାଦ କର ।

(ओड़िआ में अनुवाद कीजिए।

यदि हेमंत छुट्टियों में घर आता तो अच्छा होता। मैं ने उसके साथी के हाथ भिजवाया गया उसका पत्र पढ़ा। ज्ञात हुआ कि उसे एक प्रतियोगिता में भाग लेने से रोका गया है। उस के साथी ने बताया कि यह काम तो किसी भी विद्यार्थी से करवाया जा सकता था। मैं सदैव उस की याद करता हूँ। जब वह घर में नहीं होता, तब घर सूना लगता है। मेरी पत्नी भी उस की याद में सोते सोते चौंक पड़ती हैं। आज प्रतियोगिता का युग है। बच्चों को इस दौड़ में आगे बढ़ने की भावना को बढ़ावादेना होगा। माँ-बाप से जो बन पड़ता है वे करते हैं। बच्चों में सहन करने की आदत डालनी ही पड़ेगी। दुनियाँ में माँ-बाप ही ऐसे होते हैं जो बच्चों को अपने से उच्चतर पदवी पर पहुँचने की इच्छा रखते हैं। कभी कभी भाई-बहन, रिश्तेदारों में से भी किसी की प्रगति नहीं सहन हो पाती। माँ-बाप जैसा हितैषी संसार में कोई और नहीं। लेकिन यह भी सोचने की बात है कि प्रतियोगिता की कुछ सीमा होती है या नहीं। सब के ऊपर चढने की लालच में मानविकता को भी बनाए रखना चाहिए। प्रतियोगिता के युग में भी मानव को मानव ही रहने की ज़रूरत है। यदि हम मानविकता खो बैठेंगे तो अस्तित्व का कोई अर्थ ही नहीं होता।

VI. ଆପଣ ଦେଖିଥିବା କୌଣସି ଏକ ନାଟକ ବିଷୟରେ ଏକ ଛୋଟ ଅନୁଚ୍ଛେଦ ଲେଖନ୍ତୁ ।

(आप के द्वारा देखे हुए किसी नाटक के बारे में एक अनुच्छेद लिखिए।)